ସନ୍ଦେହ ଜନକ ଅବସ୍ଥାରେ ଯୁବତୀଙ୍କ ମୃତ ଦେହ ମିଳିଲା

କୋଣାର୍କ,୦୧।୦୧(ଅନୁପମ ମିଡିଆ): ମଙ୍ଗଳବାର କୋଣାର୍କଥାନା ନିକଟସ୍ଥ କୁରୁଙ୍ଗ ଗ୍ରାମପଂଚାୟତର କୁରୁମଗ୍ରାମର ରବିନ୍ଦ୍ର କୁମାର ପ୍ରଧାନଙ୍କ ଘରୁ ୨୦ବର୍ଷ ବୟସ ଯୁବତୀଙ୍କ ମୃତଦେହ ଉଦ୍ଧାର କରିଛି କୋଣାର୍କ ପୋଲିସ ।

ଖବରରୁ ପ୍ରକାଶ ଯେ କୁରୁମ ଗ୍ରାମର ରବିନ୍ଦ୍ର କୁମାର ପ୍ରଧାନଙ୍କ ପ୍ରଥମ ପତ୍ନିଙ୍କ ଝିଅ ମଧୁସ୍ମିତା ପ୍ରଧାନ (୨୨) ନିଜ ଘରେ କୌଣସି କାରଣକୁ ନେଇ ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ବାପା କୋଣାର୍କଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ପାଇବା ପରେ ଘଟଣା ସ୍ଥଳକୁ ଥାନାଧିକାରୀ ସଂଜିବ କୁମାର ପ୍ରଧାନ ଓ ନିମାପଡା ଏସଡିପିଓ ନିରଂଜନ ପାଢୀ ଯାଇ ମୃତ ଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ ୧/୧୯ରେ ଏକ ଅପମୃତ ମାମଲା ରୁଜୁକରି ଶବକୁ ପଂଚନାମା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାପଡିଛି । ଅପରପକ୍ଷରେ ମୃତ ଝିଅର ମାମୁଁ ପ୍ରଶାନ୍ତ ଖଟୁଆ ଓ ଭାଇ ରାକେଶ ପ୍ରଧାନ ପୋଲିସ ପାଖରେ ପ୍ରକାଶ କରିଛନ୍ତି ଯେ ଝିଅର ବାପା ରବିନ୍ଦ୍ର ପ୍ରଧାନ ଓ ସାବତ ମା ମିଶି ମଧୁସ୍ମିତାକୁ ହତ୍ୟା କରି ଘଟଣାକୁ ଆତ୍ମହତ୍ୟାର ରୁପ ଦେଇଥିବା ସେମାନେ ପ୍ରକାଶ କରିଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ନିମାପଡା ଏସଡିପିଓ ଶ୍ରୀ ନିରଂଜନ ପାଢୀ ପ୍ରକାଶ କରିଛନ୍ତି ।

ସଡକ ଦୁର୍ଘଟଣା :ଜଣେ ମୃତ, ଦୁଇ ଗୁରୁତର

ନିମାପଡା,୦୧।୦୧(ଅନୁପମ ମିଡିଆ): ୩୧ତାରିଖ ବିଳମ୍ବିତ ରାତିରେ ଭୁବନେଶ୍ୱର ମଞ୍ଚେଶ୍ୱରର ଅର୍ପଣ କୁମାର ବେଉରା (୨୨) ତାଙ୍କର ୨ଜଣ ସାଙ୍ଗକୁ ନିଜ ପଲସ୍‌ର ବାଇକି ଓଡି ୦୨ଏଆର ୦୬୭୯ ରେ ବସାଇ କୋଣାର୍କ ଅଭିମୁଖେ ଯାଉଥିବା ବେଳେ ନିମାପଡା-କୋଣାର୍କ ରାସ୍ତାର ସର୍ବାପଡା ଛକଠାରେ ଏକ ଗଛରେ ପିଟି ହୋଇ ରାସ୍ତାରେ ପଡିଥିଲେ। ଖବର ପାଇ ନିମାପଡା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ୩ଜଣଙ୍କୁ ଉଦ୍ଧାର କରି ତାଙ୍କୁ ଡାକ୍ତରଖାନା ଆଣିଥିଲେ। ମାତ୍ର ଡାକ୍ତର ଅର୍ପଣକୁ ମୃତ ବୋଲି ଘୋଷଣା କରିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଥିବାରୁ ସେମାନଙ୍କୁ ଭୁବନେଶ୍ୱର ଡାକ୍ତରଖାନା ପଠାଇଥିଲେ। ଅର୍ପଣର ଦାଦା ଏ ସମ୍ପର୍କରେ ନିମାପଡା ଥାନାରେ ଅଭିଯୋଗ କରିବାରୁ ପୋଲିସ ବାଇକ୍‌କୁ ଯବତ କରି ୧/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ବାଇକ୍ ଜେସିବି ଧକ୍କା, ଦୁଇ ଗୁରୁତର

ପିପିଲି,୦୧।୦୧(ଅନୁପମ ମିଡିଆ): ଆଜି ସଂନ୍ଧ୍ୟା ୬.୩୦ ସମୟରେ ପୁରୀ ଭୁବନେଶ୍ୱର ୩୧୬ ଜାତୀୟ ରାଜପଥ ପିପିଲି ନିକଟ ଶିଉଳା ସିଡି ଛକଠାରେ ଜେସିବି ବାଇକ ଧକ୍କାରେ ଦୁଇ ଯୁବକ ଗୁରୁତର ହୋଇଥିବା ଜଣା ପଡିଛି । ଘଟଣାରୁ ପ୍ରକାଶଯେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା ହିରୋହୋଣ୍ଡା ବାଇକ (ଓଡି ୧୩ଏଫ୍‌୧୬୧୨) ରେ ଦୁଇଜଣ ଯୁବକ ଯାଉଥିବା ବେଳେ ସେହି ରାସ୍ତାରେ ଡିଭାଇଡର କଟିଙ୍ଗରେ ଅନ୍ୟ ପାର୍ଶ୍ୱ ରାସ୍ତାକୁ ଏକ ଜେସିବି ଯାଉଥିଲା । ତେବେ ସେହି ସମୟରେ ଉକ୍ତ ଜେସିବିକୁ ବାଇକ ଧକ୍କା ଦେଇଥିଲା । ଫଳରେ ବାଇକରେ ଥିବା ଦୁଇ ଯୁବକ ଛିଟିକି ପଡି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ମେଡିକାଲ ପଠାଯାଇ ଥିବା ବେଳେ ପିପିଲି ମେଡିକାଲରୁ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସୁଚନା ଓ ଯୁବକ ଦୁହିଁଙ୍କର ପରିଚୟ ମିଳି ନଥିଲା ।

ଟ୍ରକ ସହ ପିକ୍‌ନିକ୍ ଫେରନ୍ତା ବୋଲେରୋର ଧକ୍କା: ତିନି ଗୁରୁତର

ବଡ଼ମ୍ବା,୦୧।୦୧(ଅନୁପମ ମିଡିଆ): ପିକନିକ୍ ସାରି ଘରକୁ ଫେରୁଥବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ୪ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩ଜଣ ଗୁରୁତର ଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ବଡ଼ମ୍ବାଥାନା ଅନ୍ତର୍ଗତ ଖାରୋଡ଼ସ୍ଥିତ ମା ମହାକାଳୀଙ୍କ ପୀଠରୁ ପିକନିକ୍ ସାରି ବିନ୍ଧାଣିମାର ୭ଜଣ ଏକ ବୋଲେରୋ ଯୋଗେ ଘରକୁ ଫେରୁଥିଲେ ।

ଦ୍ରୁତଗତିରେ ଆସୁଥିବା ଉକ୍ତ ବୋଲେରୋ ଭଜାରିକା ଛକର ଅଳ୍ପ ଦୂରରେ ସୁନାପାଳ ନିକଟରେ ଭାରସାମ୍ୟ ହରାଇ ଏକ ଆଖୁ ବୋଝେଇ ଟ୍ରକ୍ ପଛରେ ଧକ୍କା ହୋଇଥିଲା । ଫଳରେ ବୋଲେରୋ ଗାଡ଼ିର ଉପର ହୁଡ୍ ସମ୍ପୂର୍ଣ୍ଣ ଉଠିଯାଇ ଚୁରମାର ହୋଇଯାଇଥିବା ଦେଖାଯାଇଛି । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ବୋଲେରୋରେ ବସିଥିବା ବିନ୍ଧାଣିମା ଗ୍ରାମର କାମାକ୍ଷା ଓରଫ ସନ୍ତୋଷ ବେହେରା,ସନ୍ତୋଷକୁମାର ସାହୁ,ରଞ୍ଜନ ସାହୁ ,ବଟକୃଷ୍ଣ ମହାପାତ୍ରଙ୍କୁ ଗୁରୁତର ଅବସ୍ଥାରେ ପୁଲିସ ଉଦ୍ଧାର କରି ଭ୍ୟାନ ଯୋଗେ ବଡ଼ମ୍ବା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ସେଥି ମଧ୍ୟରୁ କାମାକ୍ଷା,ସନ୍ତୋଷ ଏବଂ ରଞ୍ଜନଙ୍କ ଅବସ୍ଥା ଅଧିକ ସଂକଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଚିକିତ୍ସାଲାଗି କଟକ ପଠାଯାଇଛି । ସମସ୍ତ ଆହତଙ୍କ ମୁଣ୍ଡ ଏବଂ ମୁହଁରେ ଗଭୀର ଆଘାତ ଲାଗିଥିବା ଦେଖାଯାଇଛି । ସ୍ଥାନୀୟ ବିଧାୟକ ଦେବୀପ୍ରସାଦ ମିଶ୍ର ଖବରପାଇ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ସମ୍ପର୍କରେ ଖବର ନେବାସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିବା ପ୍ରକାଶ ।

MCL

ମହାନଦୀ କୋଲ୍‌ଫିଲ୍‌ଡ୍‌ସ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)

ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା

ଫୋନ୍ ନଂ- (EPABX)- ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (http://coalindiatenders.nic.in) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁର୍‌ମେଣ୍ଟ ପୋର୍ଟାଲ (http://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

କ୍ର. ସଂ.	ଟେଣ୍ଡର ଆଇଡ଼ି	କାର୍ଯ୍ୟ/ସେବାର ନାମ	ଟେଣ୍ଡର ମୂଲ୍ୟ (₹)
1	2018_MCL_124642_1	Washing and minor patch repair for newly allotted quarters at NSCH premises of CH Area Talcher as and when required (For one year)	822400.00
2	2018_MCL_124743_1	Supply of Proximity Switch for BEML make Dumpers.	745700.00
3	2018_MCL_124903_1	PROCUREMENT OF ROCKER ARM INSULATOR AND CARBON BRUSH HOLDER FOR ELECTRICAL SECTION AT CWS_X TALCHER.	388538.00
4	2018_MCL_124909_1	Cutting of trench from river course to Intake well cum pump house at IWSS, Lingaraj Area.	544499.00
5	2018_MCL_124672_1	Demarcation of Grindola and Chaurimahul R and R site at LKP OCP of Lakhanpur Area.	238201.00
6	2018_MCL_124832_1	Annual Maintenance Contract of Electrical work of Residential quarters, Sub-station, Pump House, Regional Hospital, Nursing Hostel, Transit camp, 11KV overhead lines and Street lighting etc of CH Area, Talcher.	1400722.00
7	2018_MCL_124977_1	Hiring of One (01) No. Bolero / Sumo or equivalent covered vehicle minimum 7 seater with AC fitted (Diesel) Daily 24 hours operation for a period of Two Years for CIMFER with monthly limit within 4262.50 km	1124618.00
8	2018_MCL_124993_1	Hiring of Two (02) Nos. Bolero / Sumo or equivalent covered vehicle minimum 7 seater with AC fitted (Diesel) Daily 12 hours operation for a period of Two Years for PO Office Pool, LOCP, Lingaraj Area with monthly limit within 3410 km	1429472.00
9	2018_MCL_125018_1	PROCUREMENT OF WATER BOTTLE	262650.00
10	2018_MCL_124997_1	Hiring of One (01) No. Bolero / Sumo or equivalent covered vehicle minimum 7 seater with AC fitted (Diesel) Daily 24 hours operation for a period of Two Years for PO Office Pool, LOCP, Lingaraj Area with monthly limit within 4262.50 km	1136894.00
11	2018_MCL_125000_1	Hiring of One (01) No. of 10 Te or Higher Metal Body Truck of TATA/ ASHOK LEYLAND/ MAHINDRA/ AMW or Equivalent Daily 12 hours operation for a period of Two Years for PO Office Pool, LOCP, Lingaraj Area with monthly limit within 2841.67 km	1315578.00
12	2018_MCL_125028_1	Road lighting arrangement from underpass (Old Sishumandir) to Naraharipur Village Chak of Bhubaneswari OCP of Jagannath Area	296004.00
13	2018_MCL_125026_1	Procurement of Co2 absorbent for self contained breathing apparatus for MRS(RRRT) MCL Talcher Area.	143960.00
14	2018_MCL_124548_1	Synthetic Acrylic coating,levelling and painting of Tennis court and other misc work surrounding Tennis court at Guest house for Bharatpur Area.	4334123.00
15	2018_MCL_124618_1	Preparation of Detailed Project Report (DPR) for the work of Plotting, development of roads, drains and other infrastructures as per LARRA 2013 for Sarangjharia R and R site of Basundhara Area (Second call).	1.00
16	2018_MCL_124706_1	Renovation of guest House and Officers Club at Basundhara Area (Second call)	13035790.0
17	2018_MCL_125097_1	Cleaning and sweeping of CHP Office, Sub-station and Challan Room of CHP at Balram OCP under Hingula Area (for a period of 02 years).	284170.00
18	2018_MCL_125092_1	HOSES FOR BEML, LnT CK-300 HYDRAULIC EXCAVATOR, RECP-750 DRILL AND CAT 773 D.	1376776.00
19	2018_MCL_125100_1	Construction of Community Centre at Harijansahi of Badajorada GP under CSR head of Hingula Area for the year 2018-19.	692083.00
20	2018_MCL_125107_1	Construction of Community Centre at Natada village under CSR of Hingula Area for the year 2018-19.	814248.00
21	2018_MCL_125117_1	Construction of Pucca drain from Balram STP to Nandira Jor through Karnpur village under CSR head of Hingula Area.	953804.00
22	2018_MCL_125152_1	PROCUREMENT OF SPARES FOR WS-28 WATER SPRINKLER AND BD-355 DOZER.	455208.00
23	2018_MCL_125209_1	Underground Construction of 10 nos. Ventilation Stoppings in Main Dip District (Sec-C1) at Hirakhand Bundia Mine, RSA, OA, MCL	1050453.00
24	2018_MCL_125261_1	Underground Construction of 24 nos. of Ventilation Stoppings in 62LN District (Sec-C) at Hirakhand Bundia Mine, RSA, OA, MCL	1702498.00
25	2018_MCL_125268_1	PROCUREMENT OF BEARINGS AND GEARS FOR PTO OF BE-1600 HYDRAULIC EXCAVATOR	209942.00
26	2018_MCL_124880_1	Providing services for cooking and maintaining sanitation of Ananta OCP Canteen Building and its surrounding area for a period of 02 years	4004959.00
27	2018_MCL_124948_1	Annual cleaning of project office, cycle shed, drain approach road and Maintenance, upkeeping of lawn garden of project office at Ananta OCP for a period of 02 years.	2429296.00
28	2018_MCL_124959_1	Upkeeping of Yoga Centre and garden of Yoga Kendra at 132 KV Sub-station colony at Nandira under Jagannath Area for a period of 02 years.	369152.00
29	2018_MCL_124967_1	Repairing Replacement of 100 mm dia pipe line from Intermediate pump House to Jagannath House under Jagannath Area.	1165350.00
30	2018_MCL_125058_1	Day to day electrical maintenance, repair and fittings of light and other miscellaneous jobs for siding no. 1, 2,3 and 4 of Bhubaneswari OCP of Jagannath Area for a period of one year	583119.00
31	2018_MCL_125114_1	Power supply arrangement to Regional Store including installation of transformer and all accessories complete job under GM Unit of Jagannath Area	249986.00
32	2018_MCL_125132_1	Rewiring and repairing of residential quarters of CGM Complex and Central Colony under GM Unit of Jagannath Area	171707.00
33	2018_MCL_125298_1	Supply of Hoses for LnT CK-300 Hyd excavators at Lingaraj OCP	422710.00
34	2018_MCL_125342_1	Supply of PVC XLPE cables for Shanti Nagar at Lingaraj OCP	287920.00
35	2018_MCL_125220_1	Construction of Concrete approach road near SH-10 towards Amlipali under ward no.09 of Jharsuguda Municipality under CSR at IB Valley Area.	2454754.00
36	2018_MCL_125243_1	Providing approach road and development of front portion of Sub-Station at LOCP,IB Valley Area.	765341.00
37	2018_MCL_125257_1	Extension of additional room for Survey Department at LOCP of IB Valley Area.	826400.00
38	2018_MCL_125266_1	Providing drain,cow catcher, explosive van parking and front side PCC of unit store office of Lajkura OCP, IB Valley Area.	1141361.00
39	2018_MCL_125307_1	Annual cleaning and up keeping of Managers office,MTK office complex, CHP office,Kali mandir premises and Cycle/Motor cycle stands at SOCP of IB Valley Area for two years.	930960.00
40	2018_MCL_125226_1	Erection and dismantling of lighting line and also light fitting in OB Face, OB dump, Haul road, HT drilling Area, Near Pump and Coal patches for one year at Lakhanpur Open Cast Project, Lakhanpur Area, MCL	5169591.00
41	2018_MCL_125057_1	Cleaning of all toilets of Jambubahali workshop of Bharatpur project for a period of two years.	657780.00
42	2018_MCL_125334_1	Operation of Bunker Chute for truck loading at ckt. 01, 03, 04, 05, 06 and 07 of Lingaraj Area CHP for a period of one year (247 working days)	1762985.00
43	2018_MCL_125335_1	Drilling of 02 (two) nos. large dia (600/650mm) bore holes (20 inch finished dia) for installing submersible pumps at Handidhua pit top for IWSS, Lingaraj Area	4729700.00
44	2018_MCL_125386_1	Hiring of Pay Loaders for Mechanical Transfer of Coal into Railway Wagons at Deulbera Siding under the control of Lingaraj OCP, Lingaraj Area	32199132.00
45	2018_MCL_125364_1	Regular cleaning and up keeping of 03 nos Pump houses establishment at Hilltop colony,Gopi vihar colony and MTK pump house of SOCP at IB Valley Area for 02 years.	781340.00
46	2018_MCL_125361_1	Construction of 22 Nos. of Isolation stopping at WP-VF(B) panel at Nandira Colliery (Re Tender)	2063821.00
47	2018_MCL_125369_1	Water spraying by mobile water tanker with VTM on road surface and platform of railway siding no LOCM-I and II under SOCP of IB Valley Area for 02 years.	3536002.00
48	2018_MCL_125381_1	Repairing and maintenance of Magazine building at Lilari under SOCP,IB Valley Area.	241980.00
49	2018_MCL_125393_1	Renovation/construction of concrete platform below instant shower system on Coal Transport road near in motion weigh bridge no-1 of SOCP,IB Valley Area.	245846.00
50	2018_MCL_125407_1	Renovation of intake well campus with profile sheeting under IB Valley Area.	1054376.00
51	2018_MCL_125424_1	Cleaning of Overhead Water storage tanks of Residential and Non Residential buildings of Samaleswari OCP, IB Valley Area for two years.(1st retender)	565670.00
52	2018_MCL_125432_1	Construction of 02 nos class rooms at Kapumal Primary School,Jharsuguda under CSR head of IB Valley Area for the year 2018-19.	1277295.00
53	2018_MCL_125225_1	Supply of Electric Resistance Welded MS Black Pipes of various sizes and Pipe for Conveyor Roller	71476907.00
54	2018_MCL_125191_1	Spraying of water through mobile tanker on C.T. road for dust suppression from P.O. office to MTK of Garjanbahal OCP of Basundhara Area	1688137.00
55	2018_MCL_125455_1	PROCUREMENT OF BEARINGS FOR PROPEL AND SWING GEAR BOX OF EKG SHOVEL AT CWS_X TALCHER.	271467.00
56	2018_MCL_125222_1	Supply of Medicines(Inj.Pantoprazole IV 40 mg) for NSCH,Talcher.	164560.00
57	2018_MCL_125525_1	Procurement of different sizes of Computer Papers.	279188.00
58	2018_MCL_125436_1	Supply of Catridges for CANON printers	158000.00
59	2018_MCL_125438_1	Supply of Red Dot AC Spares for HEMM.	182320.00
60	2018_MCL_125439_1	Supply of Swing shaft and different Spares parts for PnH 1900 AL Shovels	1006955.00
61	2018_MCL_125445_1	Supply of spares for Greesing Pumps for all HEMM	76222.00
62	2018_MCL_125465_1	Supply of water to village Badajorada under Hingula Area (Package-01).	1447886.00
63	2018_MCL_125477_1	Supply of water to village Sanajorada, Karnapur and Natedi under Hingula Area (Package-02).	1703395.00
64	2018_MCL_125485_1	Supply of water to village Majhika, Birabarpur, Solada Deulsahi, Nathagaon, Police Out post Kalamchhuin, PHC Kalamchhuin and including Hingula High School, Gokula Family, Tanla Sahi, Baniasahi, Bidyadhar and Antaryami under Hingula Area (Package-04).	2329232.00
65	2018_MCL_125487_1	Supply of water to village New Gopalprasad, New Anatagadia, Kainthanali and Kusumpal under Hingula Area (Package-12).	1024862.00
66	2018_MCL_125499_1	Supply of water to village Malibandha, Nuamuhin, Anatagadia and Jambudhara under Hingula Area (Package-13).	1138255.00
67	2018_MCL_125507_1	Supply of water to village Gopalprasad, Gopalprasad Khalisahi (School sahi), Khamar and Patnasahi under Hingula Area (Package-14).	1400930.00
68	2018_MCL_125548_1	Conversion of 11kV Overhead line to UG Cable from Biswal Chhak to Dera near Ananta Railway Siding no. 6 of Jagannath Area	3391627.00
69	2018_MCL_125553_1	PROCUREMENT OF POWER BLADE SAW CWS_X TALCHER.	44840.00
70	2018_MCL_125306_1	Supply of Lead Acid Storage Battery	1172154.00

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁର୍‌ମେଣ୍ଟ ସହାୟକ କେନ୍ଦ୍ର (ଫୋନ୍ ନଂ.0663-2542695/2542264, ଇ-ମେଲ : hlp-eproc.mcl@coalindia.in)

R-4875

ଆମର ଆପ ପ୍ରାପ୍ତ କରିବା ପାଇଁ ଗୋଲ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ମିସ୍‌ଡ କଲ୍ କରନ୍ତୁ ।

ଝୁମ୍ପୁରା ବଜାରରେ ବଣୁଆ ହାତୀପଲ..

ଘଉଡାଇବାକୁ ବନବିଭାଗ,ପୋଲିସ ଓ ଅଗ୍ନିଶମ ବିଭାଗ ନାକେଦମ

କେନ୍ଦୁଝର,୦୧।୦୧(ଅନୁପମ ମିଡିଆ): ବଣୁଆ ହାତୀପଲ ଝୁମ୍ପୁରା ବଜାରକୁ ଆସିଯିବାରୁ ସକାଳ ସମୟରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଜଙ୍ଗଲ ପାର୍ଶ୍ୱବର୍ତ୍ତି ଗାଁ ଗୁଡିକରେ ହାତୀପଲ ବର୍ଷ ସାରା ଉତ୍ପାତ କରୁଥିବାବେଳେ ଏବେ ପ୍ରଥମ କରି ନୂଆବର୍ଷରେ ଝୁମ୍ପୁରାରେ ହାତୀପଲ ପଶିବା ନେଇ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ଏହି ହାତୀପଲରେ ସମୁଦାୟ ୮ଟି ହାତୀ ରହିଥିବା ବେଳେ ସେଥିମଧ୍ୟରେ ୩ଟି ଛୁଆହାତୀ ଏବଂ ଗୋଟିଏ ଦନ୍ତାହାତୀ ରହିଥିବା ଜଣାପଡିଛି। ବନ ବିଭାଗର ସୂଚନା ଅନୁଯାୟୀ ଦଳରେ ସମୁଦାୟ ୧୧ଟି ହାତୀ ରହିଥିବାବେଳେ ଏହି ଦଳରୁ ୩ଟି ହାତୀ ଅଲଗା ରହିଯାଇଛନ୍ତି। ବର୍ତ୍ତମାନ ହାତୀପଲ ତହସିଲ କାର୍ଯ୍ୟାଳୟ ପାର୍ଶ୍ୱରେ ତଥା ବ୍ଲକ କାର୍ଯ୍ୟାଳୟର ସମ୍ମୁଖ ଭାଗରେ ରହିଥିବା ଆମ୍ବ ବଗିଚାରେ ରହିଯାଇଛନ୍ତି। ୧୦୦ମିଟର ପରିଧି ମଧ୍ୟରେ ରହିଥିବା ଆମ୍ବ ବଗିଚାର ୨ପାର୍ଶ୍ୱରେ ତାରଜାଲି ରହିଥିବାବେଳେ ବ୍ଲକ କାର୍ଯ୍ୟାଳୟ ପାର୍ଶ୍ୱଟି ପାଚେରୀ ରହିଛି। ହାତୀପଲ ବଗିଚାର ଗେଟ ଭାଙ୍ଗିବା ସହିତ ପାଚେରୀର କିଛି ଅଂଶ ଭାଙ୍ଗି ଦେଇଛନ୍ତି। ବଗିଚା ମଧ୍ୟରେ ହାତୀଙ୍କ ଉତ୍ପାତ ଯୋଗୁ ବହୁ ସଂଖ୍ୟାରେ ଆମ୍ବଗଛ ମଧ୍ୟ ନଷ୍ଟ ହୋଇଛି। ଆମ୍ବ ବଗିଚାର ଚର୍ତୁପାର୍ଶ୍ୱରେ ବହୁଲୋକ ଜମା ହେବା ଏବଂ ପାଟିଗୋଳ ହେଉଥିବା ଦେଖି, ହାତୀପଲ କୌଣସି ଅଘଟଣ ଘଟାଇବାକୁ ଏଡାଇ ଦେଇ ହେବନାହିଁ। ଖବର ପାଇ ବନ ବିଭାଗ,ପୋଲିସ ଏବଂ ଅଗ୍ନିଶମ ବିଭାଗର ବହୁ ସଂଖ୍ୟାରେ କର୍ମଚାରୀ ଚାରିପଟକୁ କର୍ଡନ କରିବା ସହିତ ଲୋକଙ୍କୁ ଆମ୍ବ ବଗିଚା ଭିତରକୁ ଛାଡୁ ନାହାଁନ୍ତି। ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ହାତୀପଲ ନିକଟକୁ ନଯିବା ପାଇଁ ଲୋକଙ୍କୁ ବାରଣ କରାଯାଉଛି। ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଜଙ୍ଗଲ ନଷ୍ଟ ସହିତ ଖାଦ୍ୟାଭାବ ଯୋଗୁଁ ହାତୀପଲ ବଜାର ଅଞ୍ଚଳରେ ପ୍ରବେଶ କରୁଥିବା ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ହାତୀପଲ ପଡୋଶୀ ରାଜ୍ୟ ଝାଡଖଣ୍ଡରୁ ଆସିଥିବା ବେଳେ, ଏହି ହାତୀପଲ ବହୁ ସମୟରେ ଯୋଡା ଫରେଷ୍ଟ ଅନ୍ତର୍ଗତ ଚମକପୁର ପାଖ ଜଙ୍ଗଲରେ ବହୁଦିନ ଧରି ରହିଥିବା ନେଇ ମଧ୍ୟ ବନ ବିଭାଗ ସୂତ୍ରରୁ ଜଣା ପଡିଛି। ୩ଦିନ ପୂର୍ବରୁ ସୁଲୁଗୋଡା ଗ୍ରାମରେ ହାତୀପଲ ୧୨ଟି ଘର ଭାଙ୍ଗିଥିବା ବେଳେ ଲକ୍ଷ୍ମୀପଶି ବିଟ ଅନ୍ତର୍ଗତ ଖୁଣ୍ଟାପଡା ଗ୍ରାମ ପଂଚାୟତ ଜଙ୍ଗଲରେ ରହିଥିଲେ। ୨୮ତାରିଖ ବାଲିବନ୍ଧ ଫରେଷ୍ଟ ଅନ୍ତର୍ଗତ ଜଙ୍ଗଲରେ ଘୁରିବୁଲି ୨୯ତାରିଖ କିଛି ଘଣ୍ଟା ପାଇଁ ସଦର ରେଞ୍ଜ,ପଳାଶପଙ୍ଗା ଫରେଷ୍ଟ ସେକସନ ଅନ୍ତର୍ଗତ କୁଞ୍ଜରଡିହି ଜଙ୍ଗଲରେ ରହିଥିଲେ, ପୁଣି ରାତି ବେଳକୁ ଚମ୍ପୁଆ ରେଞ୍ଜକୁ ହାତୀ ପଲ ଚାଲି ଆସିଛନ୍ତି। ଏହି ସମୟ ମଧ୍ୟରେ କୁଞ୍ଜରଡିହି, କାଳିସୁଇ, ପଦ୍ମକେଶରପୁର, ଖେଣ୍ଡରା, ଫକିରପୁର,ଅର୍ଶଳା,ତେଲିଅର୍ଶଳା ପ୍ରଭୃତି ଗ୍ରାମ ଗୁଡିକର ବହୁ ଏକର ଧାନ ଫସଲ ସାଙ୍ଗକୁ ବାଡିବଗିଚା ମାଡିଦଳି ନଷ୍ଟ କରିଛନ୍ତି। ୨୯ତାରିଖ ରାତ୍ରୀରେ ଖେଣ୍ଡରା ଗ୍ରାମରେ ହାତୀପଲ ବେଶୀ ସମୟ ରହି ଉତ୍ପାତ ମଚାଇ ଥିବାବେଳେ ଭୋଳାନାଥ ମହାନ୍ତଙ୍କ ଘର,ଗଜେନ୍ଦ୍ର ମହାନ୍ତଙ୍କ ପାଚେରୀ ଭାଙ୍ଗି ଦେଇଛନ୍ତି। ଏଥି ସହିତ ଖେଣ୍ଡରା ଡିପାସାହିର ବେଣୁଧର ମହାନ୍ତଙ୍କ ଘରଭାଙ୍ଗି ଚାଉଳ ଖାଇଥିବାବେଳେ, ପ୍ରାଥମିକ ବିଦ୍ୟାଳୟର ପାଚେରୀ ଭାଙ୍ଗି ଦେଇଛନ୍ତି। ଘର ଭାଙ୍ଗିବାର ସମସ୍ତ ରପୋର୍ଟ ବାଲିବନ୍ଧ ଫରେଷ୍ଟ କାର୍ଯ୍ୟାଳୟରେ ପହଁଚି ନ ଥିବା ବାଲିବନ୍ଧ ଫରେଷ୍ଟର ବିଦ୍ୟାଧର ସାହୁ ସୂଚନା